# NATIONAL NEWS BULLETIN (ODIA)
## 10 January - 2025
## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ସମଗ୍ର ବିଶ୍ୱକୁ ଭାରତ ପ୍ରଗତିର ଏକ ନୂତନ ଆଶା ଦେଖାଇବା କ୍ଷେତ୍ରରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପ୍ରତ୍ୟେକ ବୈଶ୍ୱିକ ପ୍ରସଙ୍ଗରେ ଭାରତ ନୈତିକତା ଆଧାରରେ ପଦକ୍ଷେପ ନେବା ସହିତ ଶାନ୍ତି ପ୍ରତିଷ୍ଠା ଲାଗି ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ।
- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରକାଶ ପାଇଲା ବିଜ୍ଞପ୍ତି ।

ଏବଂ

- ଗୁଜରାଟର ରାଜକୋଟ୍ ଠାରେ ଅନୁଷ୍ଠିତ ମହିଳା ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଆୟରଲାଣ୍ଡ ବିପକ୍ଷରେ ୬ ୱିକେଟ୍‌ରେ ବିଜୟୀ ।

# ପ୍ରେସ୍-ପ୍ରବାସୀ ଭାରତୀୟ ଦିବସ

ସମଗ୍ର ବିଶ୍ୱକୁ ଭାରତ ପ୍ରଗତିର ଏକ ନୂତନ ଆଶା ଦେଖାଇବା କ୍ଷେତ୍ରରେ ପ୍ରବାସୀ ଭାରତୀୟଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଭୁବନେଶ୍ୱର ଠାରେ ତିନି ଦିନ ଧରି ଚାଲିଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଆଜି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ କହିଛନ୍ତି । ସେ କହିଛନ୍ତି, ପ୍ରବାସୀ ଭାରତୀୟ ଦିବସ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଭାରତ ଏବଂ ଏହାର ପ୍ରବାସୀଙ୍କ ଭିତରେ ସମ୍ପର୍କକୁ ସୁଦୃଢ଼ କରିବାର ଏକ ବଳିଷ୍ଠ ମାଧ୍ୟମ । ସମଗ୍ର ବିଶ୍ୱ ନିକଟରେ ପ୍ରବାସୀ ଭାରତୀୟମାନେ ଦେଶର ଭାବମୂର୍ତ୍ତିକୁ ସର୍ବଦା ବଜାୟ ରଖିଛନ୍ତି । ପ୍ରବାସୀ ଭାରତୀୟମାନେ ଔଷଧ, ବୈଷୟିକ ଜ୍ଞାନକୌଶଳ ସମେତ ବିଭିନ୍ନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ନିଜର ପାରଦର୍ଶିତା ପ୍ରତିପାଦିତ କରିପାରିଛନ୍ତି ବୋଲି ରାଷ୍ଟ୍ରପତି ମତବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ଆସନ୍ତା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ପ୍ରକ୍ରିୟାରେ ସାମିଲ ହେବା ଲାଗି ପ୍ରବାସୀ ଭାରତୀୟମାନଙ୍କୁ ଆହ୍ୱାନ ଦେଇ ରାଷ୍ଟ୍ରପତି କହିଛନ୍ତି, ବିକଶିତ ଭାରତ ଗଠନ କେବଳ ସରକାରଙ୍କ ଲକ୍ଷ୍ୟ ନୁହେଁ, ବରଂ ଏହା ଜାତୀୟ ଅଭିଯାନ। ପ୍ରତ୍ୟେକ ଭାରତୀୟ ତଥା

ପ୍ରବାସୀ ଭାରତୀୟଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ହିଁ ଏହି ଅଭିଯାନ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୨୭ ଜଣ ପ୍ରବାସୀ ଭାରତୀୟଙ୍କୁ 'ପ୍ରବାସୀ ଭାରତୀୟ ସମ୍ମାନରେ' ସମ୍ମାନିତ କରିଛନ୍ତି । ଏହି ଉଦ୍‌ଯାପନୀ ସମାରୋହରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ପୂର୍ବରୁ ରାଷ୍ଟ୍ରପତି ଏହି ଅବସରରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି । ସେଠାରେ ସ୍ଥାପିତ ଓଡ଼ିଶା ପ୍ୟାଭିଲିୟନ୍‌ରେ ରାଜ୍ୟର କଳା, କାରିଗରୀ, ହସ୍ତତନ୍ତ ଶାଢ଼ି, ତାରକଶି କାର୍ଯ୍ୟ ସମେତ ଅନ୍ୟାନ୍ୟ ପାରମ୍ପରିକ ଉତ୍ପାଦ ଗୁଡ଼ିକୁ ବୁଲି ଦେଖିଛନ୍ତି । ବିଶ୍ୱ ସମ୍ମୁଖରେ ରାଜ୍ୟର ପାରମ୍ପରିକ ତଥା ସମୃଦ୍ଧ କଳା, କାରିଗରୀ, ହସ୍ତତନ୍ତର ତଥା ସଂସ୍କୃତିର ପ୍ରଦର୍ଶନ ଲାଗି ଏହି ପ୍ରଦର୍ଶନୀ ଆୟୋଜନ କରାଯାଇଛି ।

ଜନସାଧାରଣଙ୍କ ପାଇଁ ଆସନ୍ତାକାଲିଠାରୁ ଦୁଇଦିନ ପର୍ଯ୍ୟନ୍ତ ଏହି ପ୍ରବାସୀ ଭାରତୀୟ ଦିବସ ପ୍ରଦର୍ଶନୀ ଖୋଲା ରହିବ ବୋଲି ଜଣାପଡିଛି।

# ପିଏମ୍-ଇଣ୍ଟରଭ୍ୟୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ଶତପ୍ରତିଶତ ସୁଫଳ ହିତାଧିକାରୀଙ୍କ ନିକଟରେ ଉପଲବ୍ଧ କରାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହାଦ୍ୱାରା ସାଧାରଣ ନ୍ୟାୟ ଏବଂ ଧର୍ମ ନିରପେକ୍ଷତା ତୃଣମୂଳସ୍ତରରେ ସୁନିଶ୍ଚିତ କରାଯାଇ ପାରିବ ବୋଲି ସେ କହିଛନ୍ତି । ଅଗ୍ରଣୀ ଉଦ୍ୟୋଗପତି ନିଖିଲ କାମାତଙ୍କୁ ଏକ ସାକ୍ଷାତକାର ଦେଇ ବିକଶିତ ଭାରତ ଭିଜନକୁ ସାକାର କରିବା ଉପରେ ଆଲୋକପାତ କରି ସେ କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଜଳ, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ସମେତ ସମସ୍ତ ସମସ୍ୟାର ସମାଧାନ କରିବା ଦିଗରେ ତାଙ୍କ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି ।

ବର୍ତ୍ତମାନ ବିଶ୍ୱ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ପ୍ରସଙ୍ଗରେ ଭାରତ ନୈତିକତା ଆଧାରରେ ପଦକ୍ଷେପ ନେଉଥିବା ଦୃଷ୍ଟିରୁ ସମଗ୍ର ବିଶ୍ୱ ଭାରତକୁ ବିଶ୍ୱାସ କରୁଛି । ଏଥିସହିତ ଆଜି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଭାରତ ସର୍ବଦା ଶାନ୍ତି ପ୍ରତିଷ୍ଠା ଲାଗି ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇ ଆସିଛି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ମଣିଷ ହିସାବରେ ସେ ଭୁଲ୍ କରିପାରନ୍ତି ମାତ୍ର ଜାଣିଶୁଣି ସେ କୌଣସି ଭୁଲ୍ କାର୍ଯ୍ୟ କରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ରାଜନୀତିରେ ସଫଳତା

ହାସଲ କରିବା ସମ୍ପର୍କିତ ପ୍ରସଙ୍ଗରେ ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି, ନିସ୍ୱାର୍ଥପର ସେବା, ତ୍ୟାଗ, ପ୍ରତିଶ୍ରୁତିବଦ୍ଧତା ସହ ଜଣେ ବ୍ୟକ୍ତି ନୈତିକତା ବଜାୟ ରଖିଥିବା ଏକ ଦଳର କର୍ମୀ ହୋଇଥିଲେ ଜନସାଧାରଣଙ୍କର ନିକଟତର ହେବାରେ ଅଧିକ ସହଜ ହେବ । ଏହି ଅବସରରେ ଶ୍ରୀ ମୋଦୀ ସୁ-ବିଚାରଧାରା ରଖିଥିବା ବ୍ୟକ୍ତିମାନେ ରାଜନୀତିରେ ଆସିବା ଉପରେ ଆଲୋକପାତ କରି କହିଛନ୍ତି, କୌଣସି ଅଭିଳାଷ ପୂରଣ କରିବା ପାଇଁ ନୁହେଁ ବରଂ ରାଜନୀତିକୁ ଜନସେବା କରିବା ଲାଗି ଏକ ମିଶନ୍ ଭାବେ ଗ୍ରହଣ କରିବା ଉଚିତ । ଭଲ ରାଜନୀତିଜ୍ଞମାନେ ଜନ ସମ୍ପର୍କ କ୍ଷେତ୍ରରେ ଜଣେ ଜଣେ ଭଲ ଯୋଗାଯୋଗ ବ୍ୟକ୍ତିବିଶେଷ ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ଆଜିର ବିଶ୍ୱରେ ସାମାଜିକ ଗଣମାଧ୍ୟମର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଗଣତନ୍ତ୍ରରେ ବର୍ତ୍ତମାନ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ଏହା ଗଣତନ୍ତ୍ରକୁ ଅଧିକ ସଶକ୍ତ ମଧ୍ୟ କରିବାରେ ସହାୟକ ହେବ । ଏହାର ଅଂଶସ୍ୱରୂପ ଆଜିକାର ଯୁବବର୍ଗ ତଥା ଶିକ୍ଷାର୍ଥୀମାନେ ସାମାଜିକ ଗଣମାଧ୍ୟମରୁ ବିଭିନ୍ନ ତଥ୍ୟ ସଂଗ୍ରହ କରି ନିଜ ପସନ୍ଦ ମୁତାବକ କ୍ଷେତ୍ରର ବିକାଶ ଦିଗରେ ସାମିଲ ହୋଇପାରୁଛନ୍ତି ।

ଏହି ସାକ୍ଷାତକାର ଅବସରରେ ପ୍ରଧାନମନ୍ତ୍ରୀ ନିଜର ଶିକ୍ଷା, ଜୀବନଯାତ୍ରା, ରାଜନୈତିକ ପୃଷ୍ଠଭୂମି, ପରିଚାଳନା ଦକ୍ଷତା ଆଦି ବିଭିନ୍ନ ପ୍ରସଙ୍ଗରେ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିଛନ୍ତି ।

# ରାଜନାଥ-ଏରୋ ଇଣ୍ଡିଆ

ଦେଶରେ ଏକ ସୁ-ବ୍ୟବସ୍ଥିତ ପ୍ରତିରକ୍ଷା ଶିଳ୍ପ ଇକୋ ବ୍ୟବସ୍ଥା ସୃଷ୍ଟି କରିବା ଲାଗି  ସରକାର ବିଭିନ୍ନ ସଂସ୍କାରମୂଳକ ନୀତି କାର୍ଯ୍ୟକାରୀ କରୁଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଏରୋ ଇଣ୍ଡିଆ ୨୦୨୫ ପୂର୍ବରୁ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ରାଷ୍ଟ୍ରଦୂତମାନଙ୍କର ରାଉଣ୍ଡଟେବୁଲ୍ ବୈଠକରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ସିଂହ ଦେଶର ପ୍ରତିରକ୍ଷା ଓ ମହାକାଶ କ୍ଷେତ୍ରେରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇଥିବା ଉପରେ ଆଲୋକପାତ କରି କହିଛନ୍ତି, ଚତୁର୍ଥ ଜେନେରେସନ୍ ଯୁଦ୍ଧ ବିମାନ ଉତ୍ପାଦନ କ୍ଷେତ୍ରରେ ଭାରତ ବର୍ତ୍ତମାନ ବିଶ୍ୱର ପ୍ରମୁଖ ଦେଶମାନଙ୍କ ମଧ୍ୟରେ ସ୍ଥାନ ପାଇଛି ।

ସେହିଭଳି ବିଶ୍ୱରେ ଶାନ୍ତି ଓ ନିରାପତ୍ତାର ବାତାବରଣ ପ୍ରତିଷ୍ଠା କରିବା ଦିଗରେ ପ୍ରତିରକ୍ଷା ମନ୍ତ୍ରୀ ମିଳିତ ପ୍ରୟାସ କରିବା ଲାଗି ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।  ଆଗାମୀ ପିଢ଼ି ଲାଗି ଅର୍ଥନୈତି ଅଭିବୃଦ୍ଧି ତଥା ଅତ୍ୟାଧୁନିକ ଜ୍ଞାନକୌଶଳର ଲାଭ ଉପଲବ୍ଧ କରାଇବା ଲାଗି ବର୍ତ୍ତମାନ ବିଶ୍ୱ ସମ୍ମୁଖୀନ ହେଉଥିବା ବିଭିନ୍ନ ଭୂ-ରାଜନୈତିକ ସମସ୍ୟା ଗୁଡ଼ିକର ସମାଧାନ ଲାଗି ସମସ୍ତ ଦେଶ ମିଳିତ ପ୍ରୟାସ କରିବା ଉଚିତ୍ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଏସିଆର ସର୍ବବୃହତ ଏୟାର୍ ଶୋ’ ରୂପେ ପରିଚିତ ଏରୋ ଇଣ୍ଡିଆରେ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇଥାଏ ।

# ଦିଲ୍ଲୀ ଆସେମ୍ବ୍ଲି ନୋଟିଫିକେସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଏଣିକି ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଇଚ୍ଛୁକ ପ୍ରାର୍ଥୀମାନେ ନିଜର ନାମାଙ୍କନପତ୍ର ଦାଖଲ କରିପାରିବେ । ସୂଚନା ଅନୁଯାୟୀ ପ୍ରାର୍ଥୀମାନେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିପାରିବେ । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଚଳିତ ମାସ ୨୦ ତାରିଖ ରହିଛି ।

ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଆସନ୍ତା ମାସ ୫ ତାରିଖରେ ମତଦାନ ହେବ । ଫେବୃୟାରୀ ୮ ତାରିଖରେ ଭୋଟ୍‌ଗଣତି କରାଯାଇ ସେହିଦିନ ଫଳାଫଳ ପ୍ରକାଶ ପାଇବ । ଦିଲ୍ଲୀରେ ୧ କୋଟି ୫୫ ଲକ୍ଷରୁ ଅଧିକ ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରେ ୮୩ ଲକ୍ଷରୁ ଅଧିକ ପୁରୁଷ ଓ ୭୧ ଲକ୍ଷରୁ ଅଧିକ ମହିଳା ଭୋଟର ଅଛନ୍ତି । ଇତିମଧ୍ୟରେ ଶାସକ ଆମ୍ ଆଦମୀ ପାର୍ଟି ସମସ୍ତ ଆସନ ନିମନ୍ତେ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ୨୯ ଏବଂ କଂଗ୍ରେସ ୪୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ୨୦୨୦ ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି ୬୨ଟି ଆସନ ପାଇଥିବା ବେଳେ ବିଜେପିକୁ ୮ଟି ଆସନ ମିଳିଥିଲା ।

# ଟ୍ରମ୍ପ୍-ପୁଟିନ୍

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଯୁକ୍ତରାଷ୍ଟ୍ର ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହିତ କଥାବାର୍ତ୍ତା ଲାଗି ସମ୍ମତି ପ୍ରଦାନ କରିଛନ୍ତି ବୋଲି କ୍ରେମ୍‌ଲିନ୍ ପକ୍ଷରୁ ସୂଚନା ଦିଆଯାଇଛି । କ୍ରେମ୍‌ଲିନ୍‌ର ମୁଖପାତ୍ର ଦିମିତ୍ରି ପେସ୍କୋଭ୍ ଏ ସମ୍ପର୍କରେ ସାମ୍ବାଦିକମାନଙ୍କୁ କହିଛନ୍ତି, ଯୁକ୍ତରାଷ୍ଟ୍ର ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତିଙ୍କ ସମେତ ଆନ୍ତର୍ଜାତିକ ନେତୃବୃନ୍ଦଙ୍କ ସହିତ କଥାବାର୍ତ୍ତା ଲାଗି ଶ୍ରୀ ପୁଟିନ୍ ନିରନ୍ତର ଭାବେ ନିଜ ଇଚ୍ଛା ବ୍ୟକ୍ତ କରିଆସିଛନ୍ତି ।

ଏହି ପ୍ରସଙ୍ଗରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଶ୍ରୀ ପୁଟିନ୍‌ଙ୍କ ସହିତ ତାଙ୍କର ବୈଠକ ଲାଗି ଆବଶ୍ୟକ ବ୍ୟବସ୍ଥା କରାଯାଉଛି । ଆସନ୍ତା ୨୦ ତାରିଖ ଦିନ ସେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଭାବେ ଶପଥନେବା ପରେ ରୁଷ ଓ ୟୁକ୍ରେନ୍ ମଧ୍ୟରେ ପ୍ରାୟ ୩ ବର୍ଷ ଧରି ଲାଗି ରହିଥିବା ଦ୍ୱନ୍ଦ୍ୱକୁ ସେ ସମାଧାନ କରିପାରିବେ ବୋଲି ଶ୍ରୀ ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି ।

# ମୁରୁଗାନ

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ କହିଛନ୍ତି, ସରକାରଙ୍କ ବିଭିନ୍ନ ସମୟୋପଯୋଗୀ ନୀତି ଓ ପଦକ୍ଷେପ ଯୋଗୁଁ

୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ଦିଗରେ ଦେଶ ଦ୍ରୁତ ଗତିରେ ଅଗ୍ରସର ହେଉଛି । ଆଜି କେରଳର କୋଲାମ ସ୍ଥିତ ଏକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ସୁଗାଥା ସୁଖମାଭାନମ୍'। କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି ।  ଶ୍ରୀ ମୁରୁଗାନ୍ ପରିବେଶ ଓ ଜୈବ ବିବିଧତା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଦିଗରେ ସରକାରଙ୍କର ପ୍ରତିବଦ୍ଧତା ମଧ୍ୟ ଦୋହରାଇଛନ୍ତି । ଦୁଇଦିନିଆ କେରଳ ଗସ୍ତରେ ଯାଇ ଶ୍ରୀ ମୁରଗାନ୍ କୋଲାମ୍ ସ୍ଥିତ ଅମ୍ରିତାପୁରୀ ଆଶ୍ରମ ମଧ୍ୟ ପରିଦର୍ଶନ କରିଛନ୍ତି । ବିଶିଷ୍ଟ କବି ତଥା ପରିବେଶବିତ୍ ସ୍ୱର୍ଗତ ସୁଗାଥା କୁମାରୀଙ୍କ ୯୦ତମ ଜନ୍ମ ବାର୍ଷିକୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଆଜି କେରଳର ୧୨୬ଟି ସ୍କୁଲ୍‌ରେ ୧୧ହଜାର ୩୪୦ଟି ଚାରା ରୋପଣ କରାଯାଇଛି ।

# କ୍ରିକେଟ୍

ଗୁଜରାଟର ରାଜକୋଟ୍ ସ୍ଥିତ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଆୟରଲାଣ୍ଡକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ତିନିଟିକିଆ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇ ୧-୦ରେ ସିରିଜ୍ ଅଗ୍ରଣୀ ରହିଛି । ଆୟରଲାଣ୍ଡ ଟସ୍

ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୩୮ରନ୍ ସଂଗ୍ରହ କରିଥିଲା । ୨୩୯ରନ୍ ବିଜୟ ଲକ୍ଷ୍ୟର ପିଛା କରି ଭାରତୀୟ ମହିଳା ଦଳ ୩୪ ଓଭର ଓ ୩ଟି ବଲ୍‌ରେ ୪ୱିକେଟ୍ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରିନେଇଥିଲେ । ଦଳ ପକ୍ଷରୁ ପ୍ରତୀକା ରାଓ୍ୱଲ୍ ୮୯ରନ୍ କରିଥିବା ବେଳେ ତେଜଲ ହାସାବାନିସ ଅପରାଜିତ ୫୩ରନ୍ କରିଛନ୍ତି । ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସୌରାଷ୍ଟ୍ର କ୍ରିକେଟ୍ ଷ୍ଟାଡିୟମ୍‌ରେ ଆସନ୍ତା ରବିବାର ଦିନ ଖେଳାଯିବ ।